Gram Vikas

ଗ୍ରାମ ବିକାଶ
# ସମାଚାର
କେବଳ ଘରୋଇ ପ୍ରସାରଣ ନିମନ୍ତେ

ନଭେମ୍ବର - ୨୦୨୨

ବର୍ଷ -୧୯ , ଇ-ସଂଖ୍ୟା - ୪

## ଆମର ସ୍ୱପ୍ନ (Our Vision)

ଏକ ସମତା ସଂପନ୍ନ ଓ ନିରନ୍ତର ପ୍ରଗତିଶୀଳ ସମାଜ, ଯେଉଁଠି ଜନସାଧାରଣ ମର୍ଯ୍ୟାଦାର ସହ ଶାନ୍ତିରେ ଜୀବନ ବିତାଉଥିବେ ।

## ଆମର ମହାଲକ୍ଷ୍ୟ (Our Mission)

ସତତ, ସମାଜସାପେକ୍ଷ ଓ ଲିଙ୍ଗଗତସମାନତା ସଂପନ୍ନ ପ୍ରକ୍ରିୟାଗୁଡ଼ିକର ପ୍ରସାର କରିବା, ଯାହା ଦରିଦ୍ର ଓ ନିଷ୍ପେସିତ ଗ୍ରାମବାସୀ ଓ ଗୋଷ୍ଠୀସମୁଦାୟଙ୍କୁ ଏକ ମର୍ଯ୍ୟାଦାବନ୍ତ ଜୀବନଯାପନ ମାନ ହାସଲ ଦିଗରେ ସେମାନଙ୍କ ନିଷ୍ପତିକାରୀ ସମୂହଙ୍କୁ ସମର୍ଥ କରୁଥିବେ ।

## ଆମ ବାବଦରେ ...

୧୯୭୯ ମସିହାରୁ ଗ୍ରାମୀଣ ଲୋକମାନଙ୍କ ସହିତ ମିଳିତଭାବେ ସମାଜରେ ସମାନତା ଆଣିବା ଦିଗରେ କାର୍ଯ୍ୟକରୁଛୁ । ଯେପରି ଲୋକମାନେ ସମ୍ମାନ ଓ ମର୍ଯ୍ୟାଦାଜନକ ଜୀବନ ଜିଇବା ପାଇଁ ସକ୍ଷମ ହୋଇପାରିବେ । ଜଳ, ପରିମଳ ଓ ସ୍ୱାସ୍ଥ୍ୟ, ଜୀବନ ଜୀବିକା, ଶିକ୍ଷା, ବାସତି ଓ ପ୍ରଯୁକ୍ତିବିଦ୍ୟା, ଗ୍ରାମ୍ୟ ଅନୁଷ୍ଠାନକୁ ମଜଭୁତ୍ କରିବା ତଥା ସହଭାଗୀ ଗ୍ରାମସମୁଦାୟର ଦକ୍ଷତା ବୃଦ୍ଧି କରାଇ ସ୍ୱାବଲମ୍ବି କରାଇବା ଉପରେ କାର୍ଯ୍ୟ କରୁଛୁ । ଆମ କାର୍ଯ୍ୟଧାରାର ମୁଖ୍ୟ ପ୍ରାଣକେନ୍ଦ୍ରରେ ସମାନତା ଓ ମର୍ଯ୍ୟାଦାକୁ ପ୍ରାଧାନ୍ୟ ଦେଇଥାଉ ।



## ସମ୍ପାଦକୀୟ

### "ସ୍ଥିର ଓ ସୁଦୃଢ ଗ୍ରାମ୍ୟ ସଙ୍ଗଠନ – ଗାଁ ବିକାଶର ଆଧାର"

ଗ୍ରାମକୁ ବିକଶାଭିମୁଖେ ନେବା ପାଇଁ ଗ୍ରାମ୍ୟ ସଙ୍ଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେଉଁଠି ଗ୍ରାମ୍ୟ ସଙ୍ଗଠନ ସୁଦୃଢ ଓ ସମସ୍ତଙ୍କ ମଧ୍ୟରେ ଏକତା ଥାଏ, ସେହି ଗ୍ରାମଟିରେ ଅନନ୍ୟଭାବେ ବିକାଶର ଝଲକ ଦୃଶ୍ୟମାନ ହୋଇଥାଏ । ସେଠାରେ ସାମାଜିକ, ଅର୍ଥନୈତିକ, ସଂସ୍କୃତିକ ଆଦି କ୍ଷେତ୍ରରେ ବିକାଶ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ବ୍ୟକ୍ତିଗତ ଜୀବିକାରେ ଉନ୍ନତି ପରିଲକ୍ଷିତ ହୁଏ । ତେଣୁ ଗ୍ରାମ ସ୍ତରୀୟ ସଙ୍ଗଠନର ଭୂମିକା ମହତ୍ୱପୂର୍ଣ୍ଣ ହୋଇଥାଏ । ସଙ୍ଗଠନ ଏକ ସାମାଜିକ ବ୍ୟବସ୍ଥା, ଯାହାର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥାଏ । ବ୍ୟକ୍ତି ସମୂହ ସଙ୍ଗଠନର ସର୍ବାଧିକ ମହତ୍ୱପୂର୍ଣ୍ଣ ଅଙ୍ଗ ହୋଇଥାନ୍ତି । ଏହା ଏକ ଗତିଶୀଳ ପ୍ରକ୍ରିୟା ଏବଂ ମିଳିତ ପ୍ରୟାସର ଏକ ବ୍ୟବସ୍ଥା ।

ଯାହା ପରସ୍ପର ସାଥୀହୋଇ ଚାଲୁଥିବା ଏକ ସମୂହ । ଯେଉଁଥିରେ ସଦସ୍ୟମାନଙ୍କର ଅଧିକାର ଓ କାର୍ଯ୍ୟକ୍ଷେତ୍ରର ସୀମା ସ୍ପଷ୍ଟ ଥାଏ । ସଙ୍ଗଠନର କାର୍ଯ୍ୟଧାରାରେ ଉଦ୍ଦେଶ୍ୟକୁ ନିର୍ଦ୍ଧାରଣ କରିବା, କାର୍ଯ୍ୟକୁ ପରିଭାଷିତ କରିବା (ପ୍ରତ୍ୟକ କାର୍ଯ୍ୟ ଓ ଉପକାର୍ଯ୍ୟ ସ୍ଥିର କରିବା), ଦାୟିତ୍ୱ ବହନକରି କାର୍ଯ୍ୟ ସମ୍ପାଦନ କରିବା, ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରିବା ଏବଂ ସ୍ୱଚ୍ଛତା ବଜାୟ ରଖିବା ଆଦି କ୍ଷେତ୍ରରେ ସ୍ଥିରତା ରହିଲେ ଗ୍ରାମର ସଙ୍ଗଠନ ମଜଭୁତ ହୋଇଥାଏ । ଫଳରେ ଗାଁଟି ବିକାଶଉନ୍ମୁଖୀ ହୋଇଥାଏ । ଉଦ୍ଦେଶ୍ୟ ବିନା ସଂଗଠନର ସ୍ଥାୟିତ୍ୱ ବିଚାର କରାଯାଇ ପାରେନା । ତେଣୁ ଉଦ୍ଦେଶ୍ୟକୁ ସଙ୍ଗଠନର ସମସ୍ତ ସଦସ୍ୟ ଭଲଭାବରେ ଜାଣି, ତାହାକୁ ସମ୍ବଳ ଭାବେ ମନେକରିବା ଉଚିତ । ଗ୍ରାମ୍ୟ ସଙ୍ଗଠନର ସମସ୍ତ ସଦସ୍ୟମାନଙ୍କ ମଧ୍ୟରେ ଉତ୍ତରଦାୟିତ୍ୱ ବୋଧତା ରହିଲେ ସଙ୍ଗଠନ ବଳିଷ୍ଠ ହୁଏ । ସଙ୍ଗଠନକୁ ଆହୁରି ଅଧିକ ବଳିଷ୍ଠ କରିବା ଦିଗରେ ସମନ୍ୱୟ, ସରଳତା, ସ୍ୱଷ୍ଟତା, ସ୍ଥିରତା, ସାମୁହିକ ମତକୁ ଗୁରୁତ୍ୱ ଦେବା, ମତଭେଦରୁ ଉର୍ଦ୍ଧ୍ୱରେ ରହିବା ତଥା ସନ୍ତୁଳନ ରକ୍ଷାକରିବା ଆଦି ସହାୟକ ହୋଇଥାଏ । ଗ୍ରାମ୍ୟ ସଙ୍ଗଠନ ସ୍ଥିର ଓ ସୁଦୃଢ ହେଲେ ସାମାନ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅସାମାନ୍ୟ କାର୍ଯ୍ୟ ସମ୍ପାଦିତ ହୋଇପାରିବ । ତେଣୁ ଆସନ୍ତୁ ୨୦୨୩ ଇଂରାଜୀ ନୂଆବର୍ଷରେ ଆମେ ସମସ୍ତେ ଆମ ଗାଁର ସଙ୍ଗଠନକୁ ମଜଭୁତ କରି ବିକାଶ ଦିଗରେ ଆଗେଇଯିବା ।

- ସନ୍ତୋଷ ରାଉତ

## ମହେନ୍ଦ୍ର ତନୟା ଆଶ୍ରମ ହାଇସ୍କୁଲର ନୂତନ ଭବନ ଉଦ୍ଘାଟନ



ଓଡିଶାର କଳାହାଣ୍ଡି, ଗଞ୍ଜାମ, ଗଜପତି ଜିଲ୍ଲାର ଅପହଞ୍ଚ ଆଦିବାସୀ ପ୍ରବଣ ଗ୍ରାମୀଣ ଅଞ୍ଚଳରେ ଗ୍ରାମବିକାଶ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଚାରୋଟି ଆବାସିକ ବିଦ୍ୟାଳୟ ମଧ୍ୟରୁ ମହେନ୍ଦ୍ର ତନୟା ଆଶ୍ରମ ଉଚ୍ଚ ବିଦ୍ୟାଳୟ ଅନ୍ୟତମ । ଗ୍ରାମବିକାଶ ଦୀର୍ଘ ଚାରିଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ନିଜର ସଂଘର୍ଷମୟ ଯାତ୍ରାରେ ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତିର ସାମଗ୍ରିକ ଉନ୍ନତି ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା କରି ନିଜର ଉଦ୍ୟମ ଜାରିରଖିଛି ।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କଇଁପୁର ଠାରେ ଥିବା ମହେନ୍ଦ୍ର ତନୟା ଆଶ୍ରମ ଉଚ୍ଚ ବିଦ୍ୟାଳୟର ନବନିର୍ମିତ ଗୃହର ଉଦ୍ ଘାଟନ ୨୦୨୨ ନଭେମ୍ବର ୧୬ ତାରିଖରେ ଗ୍ରାମବିକାଶର ଚେୟାରମାନ ଜୋ. ମାଡିୟାଥ ଓ ମୁଖ୍ୟ ଅତିଥି ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ ମହୋଦୟଙ୍କ କରକମଳରେ କରାଯାଇଛି ।

ଅବଶିଷ୍ଟାଂଶ - ପୃଷ୍ଠା ୩ ରେ

ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ଜିଲ୍ଲାପାଳ ଶ୍ରୀଯୁକ୍ତ ଲିଙ୍ଗରାଜ ପଣ୍ଡା, ରାୟଗଡ଼ ବ୍ଲକ ଉନ୍ନୟନ ଅଧିକାରୀ(ବିଡ଼ିଓ) ରାଜା ରଣଜିତ୍ ପ୍ରତାପ, ପ୍ରଫେସର ଡ଼ିଏନ ରାଓ(ସଭାପତି ସେଞ୍ଚୁରିଆନ ୟୁନିଭରସିଟି), ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲ୍ଲାପରିଷଦ ସଭ୍ୟ ଶ୍ରୀଯୁକ୍ତ ପୀତାମ୍ବର ନାୟକ, ବ୍ଲକ ଅଧକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ, ସମିତି ସଭ୍ୟା ଶ୍ରୀମତୀ ମାଧୁରୀ ଶବର, କଇଁପୁର ସରପଞ୍ଚ ଶ୍ରୀମତୀ ଜୟନ୍ତୀ ଶବର, ପୂର୍ବତନ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ଭଗବତ ପାଇକ, ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ସନ୍ୟାସୀ କାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱୋଳନ କରି ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଜେନା ବିଦ୍ୟାଳୟର ବିବରଣୀ ପାଠକରିଥିଲେ ।




ଏକ ଛୋଟ ସ୍ଥାନରେ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା କଇଁପୁର ମହେନ୍ଦ୍ର ତନୟା ଆଶ୍ରମ ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ୫୦୦୦୦ ବର୍ଗଫୁଟ ପରିମିତ ନୂତନ କଂକ୍ରିଟ୍ ନିର୍ମିତ କୋଠାଘର ରେ ରୂପାନ୍ତରିତ ହୋଇ ୫୦୦ ରୁ ଅଧିକ ଛାତ୍ରଛାତ୍ରୀ ପାଇଁ ବିଜ୍ଞାନ ଲ୍ୟାବ, କମ୍ପ୍ୟୁଟର ଲ୍ୟାବ ସହିତ ସୁସଜ୍ଜିତ ଶ୍ରେଣୀଗୃହ ସ୍ଥାନିତ କରାଯାଇଛି । ଏକ ବୃହତ ଲାଇବ୍ରେରୀ, ଏକ ସୃଜନଶୀଳତା ଲ୍ୟାବ ଏବଂ ଖେଳ ପଡିଆ ରହିଛି । ଜ୍ଞାନର ବିକାଶ, ସାମାଜିକ ସଚେତନତା ବୃଦ୍ଧି ସହିତ, ଆଗାମୀ ପିଢିଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରି ସମାଜର ପ୍ରଗତି ସହ ପରିବର୍ତ୍ତନକୁ ଆଗେଇନେବା ପାଇଁ ଶିକ୍ଷାନୁଷ୍ଠାନ ଉତ୍ସର୍ଗ କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ପ୍ରତି ଅବଦାନ ଥିବା ପୂର୍ବତନ ଶିକ୍ଷକ/ଶିକ୍ଷୟତ୍ରୀ ଓ ପରିଚାଳକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

**ବିବରଣୀ ଓ ଫଟୋ : ସନ୍ତୋଷ ରାଉତ, ଜ୍ୟୋତି ପ୍ରସନ୍ନ ସିଂ**





# ବିଶ୍ୱ ପାଇଖାନା ଦିବସ ପାଳନ

ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ କଙ୍କିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଣିଆମାରି ଗ୍ରାମରେ ଗ୍ରାମବିକାଶ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବିଶ୍ୱ ପାଇଖାନା ଦିବସ ୧୯ ନଭେମ୍ବର ୨୦୨୨ରେ ପାଳନ କରାଯାଇଛି | ଏହି କାର୍ଯ୍ୟକ୍ରମରେ କଙ୍କିଆ ପଞ୍ଚାୟତର ଅନ୍ତର୍ଗତ କଙ୍କିଆ, ପୁରୁଣାପାଟଣା, କୋଇଲିକୁଟ, ଅମଣିଆପଦର, ସରାକଟ, ମିତ୍ରପୁର , ବେଟଝରି, ସାନକରଞ୍ଜୋଇ, ଲୁଣ୍ଡରିଗୁଡା ଓ ବାଣିଆମାରି ଇତ୍ୟାଦି ଗ୍ରାମର ୨୦୦ ରୁ ଅଧିକ ପୁରୁଷ, ମହିଳା ଓ ଶିଶୁ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ଗ୍ରାମ ଉନ୍ନୟନ କମିଟି , ସ୍ୱୟଂ ସହାୟକ ଦଳ ସଦସ୍ୟ, ୱାର୍ଡ ମେମ୍ବର, ଅଙ୍ଗନବାଡି କର୍ମୀ, ସିଆରପି ମାନେ ଯୋଗଦେଇଥିଲେ । ସର୍ବପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ସରପଞ୍ଚ ଶ୍ରୀ ଚନ୍ଦ୍ରଶେଖର, ଗ୍ରାମ ବିକାଶ ଚେୟାରମ୍ୟାନ ଶ୍ରୀ ଜୋ ମାଡିୟାଥ ଓ ଅନ୍ୟ ଅତିଥି ମାନେ ଉଦ୍ ଘାଟନ କରିଥିଲେ ।



ମୁଖ୍ୟ ଅତିଥି ଭାବେ କଙ୍କିଆ ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀ ଚନ୍ଦ୍ର ଶେଖର ନାୟକ , ଗ୍ରାମ ବିକାଶ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡକ୍ଟର ଜୋ ମାଡିୟାଥ , ଶ୍ରୀ ରଜତ ମିଶ୍ର (ଫରଷ୍ଟ ରେଞ୍ଜୋରର, ବ୍ରହ୍ମପୁର ), ଶ୍ରୀ ରୂପକ ପ୍ରଧାନ (ଫରେଷ୍ଟର ), ଶ୍ରୀ ଯୁଗୋଳ ମଲିକ (ଦିବ୍ୟଜ୍ୟୋତି ସ୍ୱେଚ୍ଛାସେବୀ ସଂଗଠନ ) ଓ ଶ୍ରୀ ସରୋଜ କୁମାର ଶତପଥି (VEWS ସ୍ୱେଚ୍ଛାସେବୀ ସଂଗଠନ ) । ଏହାପରେ ବିଶ୍ୱ ପାଇଖାନା ଦିବସ ସମ୍ପର୍କରେ ବିଭିନ୍ନ ବାର୍ତ୍ତା ଦେଇ ଏକ ରାଲି ବାହାରି ବାଣିଆମାରି ଗ୍ରାମ ପରିକ୍ରମା କରିଥିଲା । ପରବର୍ତ୍ତୀ ସମୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଗ୍ରାମ ବିକାଶ ମ୍ୟାନେଜର ଶ୍ରୀ କୈଳାଶ ଚନ୍ଦ୍ର ସାହୁ ତାଙ୍କ ଭାଷଣରେ ବିଶ୍ୱ ପାଇଖାନା ଦିବସର ଆଭିମୁଖ୍ୟ, ପାଇଖାନା ଦ୍ୱାରା କିପରି ଗାଁ ପରିବେଶ ସଫାରହିବା ସହିତ ଲୋକମାନେ ବିଭିନ୍ନ ରୋଗରୁ ମୁକ୍ତି ମିଳିପାରିବ କହିଥିଲେ । ସରପଞ୍ଚ ଶ୍ରୀ ନାୟକ କହିଲେ , ପଞ୍ଚାୟତର ପ୍ରତ୍ୟେକ ଘରର ପାଇଖାନା ରହିବାକୁ ପଡିବ । ଗ୍ରାମରେ ବଢୁଥିବା ଘରର ପାଇଖାନା ଯୋଗାଇବା ପାଇଁ , ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମ ବିକାଶ ଚେୟାରମ୍ୟାନ ଶ୍ରୀ ଜୋ ମାଡିୟାଥ କହିଲେ "ପାଇଖାନା ମଣିଷର ସମ୍ମାନ ଓ ସ୍ୱାଭିମାନ ବଢାଇଛି"।

ଅବଶିଷ୍ଟାଂଶ - ପୃଷ୍ଠା ୫ ରେ

ଗ୍ରାମ ବିକାଶ ଜିଲ୍ଲା ପରିଚାଳକ ଶ୍ରୀ ଶରତ ଚନ୍ଦ୍ର ମହାନ୍ତି ପାଇଖାନାର ବ୍ୟବହାର ଓ ଗାଧୁଆଘର ରୁ ବାହାରୁଥିବା ପାଣିକୁ ବ୍ୟବହାରକରି ପୋଷଣ ବଗିଚା କରିବାକୁ କହିଥିଲେ । ଫରେଷ୍ଟ ରେଞ୍ଜର ଶ୍ରୀ ରଜତ ମିଶ୍ର ଓ ଫରେଷ୍ଟର ଶ୍ରୀ ଯୁଗୋଳ ମଲିକ ବାହାରେ ଝାଡା ଫେରିବା ଦ୍ଵାରା କିପରି ଜଳ ଓ ବାୟୁ ପ୍ରଦୂଷଣ ହୁଏ କହିଥିଲେ । ଦୂଷିତ ଜଳ ଦ୍ଵାରା ଡାଇରିଆ , ଟାଇଫଇଡ ଓ ଜଣ୍ଡିସ ଆଦି ରୋଗ ହୋଇଥାଏ ବୋଲି କହିଥିଲେ । ଉପସ୍ଥିତ ଅତିଥିମାନେ ପରିମଳ ସୁରକ୍ଷା ପାଇଁ ଗ୍ରାମ ବିକାଶ ପ୍ରତି ଘରକୁ ପାଇଖାନା ସାଙ୍ଗକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ବ୍ୟବସ୍ଥା କରିଥିବାରୁ ସଂସ୍ଥାକୁ ସାଧୁବାଦ ଦେଇଥିଲେ ।

ଏହି କାର୍ଯ୍ୟକ୍ରମକୁ ବିଦୁଲତା ଧଳ, ବିବେକାନନ୍ଦ ପ୍ରଧାନ, ଅରୁଣ ନାୟକ, ମାନସ ସାମନ୍ତ, କୈଳାଶ ଚନ୍ଦ୍ର ଦାସ ଓ ସରୋଜ ପରିଛା ସହଯୋଗ କରିଥିଲେ । **ବିବରଣୀ/ଫଟୋ : କୈଳାଶ ଚନ୍ଦ୍ର ଦାସ**

## ଏବେ ଘରର କାମ ସହିତ ଜୀବିକା ସୁଦୃଢ ପାଇଁ ଅଧିକ ସମୟ ମିଳୁଛି

ଏବେ ବିଲ ଓ ବାଡିବଗିଚା କାମ ସହିତ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଖଲିପତ୍ର ଓ ଦନା ତିଆରି କରିପାରୁଛନ୍ତି । ଘରର ଦୈନନ୍ଦିନ କାମ ଓ ରୋଷେଇବାସ ଠିକ ସମୟରେ ସାରିପାରୁଛନ୍ତି, ବଳକା ସମୟ ଉପଯୋଗ କରି ନିଜେ ନିଜର ଜୀବିକାକୁ ସୁଦୃଢ କରିବାକୁ ସୁଯୋଗ ପାଉଛନ୍ତି । ମହିଳାମାନଙ୍କର ଆତ୍ମସମ୍ମାନ ଓ ମର୍ଯ୍ୟାଦା ବୃଦ୍ଧି ହୋଇଛି, ସ୍ଵାବଲମ୍ବୀ ହେବାପାଇଁ ସମୟ ପାଇପାରୁଛନ୍ତି । ପୂର୍ବରୁ ପାନୀୟଜଳ ସଂଗ୍ରହ ଓ ବାହାରକୁ ମଳତ୍ୟାଗ ପାଇଁ ଯିବାରେ ଅଧିକ ସମୟ ନଷ୍ଟ ହେଉଥିଲା ।





କନ୍ଧମାଳ ଜିଲ୍ଲା କେ.ନୂଆଗାଁ ବ୍ଲକ ସିତ୍ତିର୍ଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗସୁକିଆ ଗାଁରେ ୭୨ଟି ପରିବାର ବାସ କରନ୍ତି । ଗାଁର ୯୯% ପରିବାର ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀ ଅନ୍ତର୍ଭୁକ୍ତ ଅଟନ୍ତି । କୃଷି, ଜଙ୍ଗଲ ଜାତ ଦ୍ରବ୍ୟ ଓ ଦିନମଜୁରୀକୁ ବୃତ୍ତି କରି ସାଧାରଣତଃ ପରିବାର ଗୁଡିକ ଜୀବିକା ନିର୍ବାହ କରନ୍ତି । ପୂର୍ବରୁ ଗାଁଲୋକେ ନିତ୍ୟ ବ୍ୟବହାର ତଥା ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ।

ଅବଶିଷ୍ଟାଂଶ - ପୃଷ୍ଠା ୬ ରେ

ପାଇଖାନା ନଥିବାରୁ ବାହ୍ୟ ମଳତ୍ୟାଗ ଦ୍ୱାର ଗାଁ ପରିବେଶ ଦୂଷିତ ହେଉଥିଲା । ଏହି ସମସ୍ୟା ଲୋକମାନଙ୍କର ଦୈନନ୍ଦିନ ଜୀବନ ଓ ଜୀବିକା ଉପରେ ଘୋର ପ୍ରଭାବ ପକାଉଥିଲା । ବିଶେଷକରି ମହିଳାମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏବେ କିନ୍ତୁ ପୂର୍ବ ସ୍ଥିତିରେ ପରିବର୍ତ୍ତନ ଆସିଛି । ମହିଳାମାନେ ଅଯଥାରେ ନଷ୍ଟ ହେଉଥିବା ସମୟକୁ ସଦୁପଯୋଗ କରି ନିଜର ଦୈନନ୍ଦିନ ଘରୋଇ କାମ ସହଜରେ ସମାପନ କରିବା ସହିତ ଜୀବିକା ସୁଦୃଢ ପାଇଁ ସମୟ ବାହାର କରିପାରୁଛନ୍ତି ଓ ଆତ୍ମସମ୍ମାନର ସହିତ ଜୀବନ ନିର୍ବାହ କରୁଛନ୍ତି । କୁସୁମତି ମଳିକ କୁହନ୍ତି "ଗାଁରେ ଜଳ ଓ ପରିମଳ ବ୍ୟବସ୍ଥା ହେବା ପରେ ମୋତେ ଅଧିକ ସମୟ ମିଳୁଛି । ସେହି ସମୟକୁ ବିନିଯୋଗ କରି ଏବେ ମୋ ବାଡିରେ ପୁଷ୍ଟି ବଗିଚା କରିଛି । ବିଭିନ୍ନ ପନିପରିବା ମୋ ପରିବାର ଖାଇପାରୁଛନ୍ତି । ପୂର୍ବରୁ ଏପରି କାମ କରିବାକୁ ସମୟ ମିଳୁନଥିଲା, ଅଧିକାଂଶ ସମୟ ଧାଡିରେ ଛିଡାହୋଇ ପାଣି ଆଣିବା, ନଦୀକୁ ଗାଧୋଇଯିବା ଓ ବାହାରେ ଦୂର ସ୍ଥାନକୁ ମଳତ୍ୟାଗ ପାଇଁ ଯିବାରେ ସମୟ ଅଯଥାରେ ନଷ୍ଟ ହେଉଥିଲା ।"

ଗସୁକିଆ ଗ୍ରାମର ମିଥିଳା ମଳିକ କୁହନ୍ତି "ପୂର୍ବରୁ ଆମ ଗାଁରେ ଦୂର ସ୍ଥାନରେ ଥିବା କୂଅ ଓ ନଳକୂଅରୁ ଧାଡିରେ ପାନୀୟ ଜଳ ସଂଗ୍ରହ କରିବା, ଦୂର ନଦୀ ବା ନଳକୂପକୁ ଗାଧୋଇ ଯିବା, ଝାଡା ଯିବା ପାଇଁ ଜଙ୍ଗଲ ଭିତରକୁ ବା ଗାଁ ବାହାର ରାସ୍ତା କଡକୁ ଯିବା ଆଦିରେ ଆମର ଦିନର ଅଧିକ ସମୟ ଯାଉଥିଲା । ପାଇଖାନା ଓ ଗାଧୁଆ ଘର ନିର୍ମାଣ ସହିତ ପ୍ରତି ପରିବାରକୁ ଜଳ ଯୋଗାଣ ବ୍ୟବସ୍ଥା ହେବା ଦ୍ୱାରା, ଆମର ସମ୍ମାନ ବଢିଲା , ହାତ ପାହାନ୍ତାରେ ଘରେ ପାଇପ ଯୋଗେ ପାଣି ପାଉଛୁ , ପୂର୍ବାପେକ୍ଷା ଅଧିକ ସମୟ ମିଳୁଥିବାରୁ ଘରକାମ ଯଥା ସମୟରେ ଶେଷକରିବା ସହିତ ବାଡିବଗିଚା ଓ ଅନ୍ୟ କାମ କରିବାକୁ ଅଧିକ ସମୟ ମିଳୁଛି । ଗ୍ରାମବିକାଶ ସହଯୋଗରେ ୨୦୧୪-୧୫ ରେ ସମସ୍ତ ପରିବାରର ପାଇଖାନା ଓ ଗାଧୁଆଘର ନିର୍ମାଣ ସରିଲା ଓ ଚାରିଟି ୱାଟର ସହାୟତାରେ ୨୦୧୫-୧୬ ମସିହାରେ ପାଣିଟାଙ୍କି ନିର୍ମାଣ ପରେ ଯେବେ ଆମ ଗାଁରେ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା, ତାହା ପରଠାରୁ ଆମର ଜୀବନ ଶୈଳୀରେ ଢେର ପରିବର୍ତ୍ତନ ଆସିଛି ।"



ରେମିତା ମଳିକ କୁହନ୍ତି " ଏବେ ଆମେ ପରିବାର ପାଇଁ ଶୀଘ୍ର ରୋଷେଇବାସ କରିପାରୁଛୁ, ବଳକା ସମୟକୁ ବିନିଯୋଗ କରି ପାଖ ମାଦାଜଗି ଓ ଉଡ଼ମକା ଜଙ୍ଗଲରୁ ଶିଆଳି ଓ ଶାଳପତ୍ର ସଂଗ୍ରହକରି ଖଲିପତ୍ର ଓ ଦନା ତିଆରି କରିପାରୁଛୁ । ଆମର ଘରୋଇ ପର୍ବପର୍ବାଣିରେ ଭୋଜିଭାତ ପାଇଁ ଆବଶ୍ୟକ ପଡୁଥିବା ଖଲିପତ୍ର ଓ ଦନା ଆଉ ବାହାରୁ କିଣିବାକୁ ପଡୁନି, ଏବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ ସଞ୍ଚୟ କରିପାରୁଛୁ । ବଳକା ଖଲିପତ୍ର ଓ ଦନା ବାହାରେ ବିକ୍ରି ଅର୍ଥ ରୋଜଗାର ମଧ୍ୟ କରିପାରୁଛୁ ।"

**ବିବରଣୀ /ଫଟୋ : ସନ୍ତୋଷ ରାଉତ, ସନ୍ତୋଷ ପାଢି, କୃଷ୍ଣଚନ୍ଦ୍ର ମହାରଣା, ଗୌରିଶଙ୍କର ଶବର**

# ଗ୍ରାମବାସୀଙ୍କ ଉଦ୍ୟମ ଓ ବିକାଶର ଦିଗରେ ଏକାଠି ଚାଲିବାର ମାନସିକତା



ଆଦିବାସୀ ଗ୍ରାମ ସହରୀ ଝଲକରେ ହସିଉଠୁଛି, ତୁରୁରୁଡ଼ା ଗାଁର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛି । ବନପାହାଡ ଘେରା ଆଦିବାସୀ ଜନଜାତି ପରିବାର ବସବାସ କରୁଥିବା ଏକ ଛୋଟିଆ ଗାଁ, ଯାହାର ନାଁ ହେଉଛି ତୁରୁରୁଡା । ଗାଁକୁ ଖଣ୍ଡିଏ ଭଲରାସ୍ତା ନାହିଁ । ବର୍ଷାଦିନେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଏ । ମୋବାଇଲ ନେଟୱାର୍କ ସୁବିଧା ନାହିଁ । ତଥାପି ଗ୍ରାମବାସୀ ନିଜର ପରିଶ୍ରମ ଓ ଉଦ୍ୟମରେ ଗ୍ରାମ ସୌନ୍ଦର୍ଯ୍ୟକରଣ କରି ଅଞ୍ଚଳପାଇଁ ଉଦାହରଣ ସାଜିଛନ୍ତି । ମାତ୍ର ଏକ ବର୍ଷରେ ବଦଳିଯାଇଛି ଗାଁର ରୂପରେଖ । ଏକ ସହରୀ ସ୍ମାର୍ଟ ଗାଁର କଳ୍ପନାକୁ ସାକାରରୂପ ଦେବାକୁ ଯାଇ ଗାଁ ଲୋକେ ତିଆରି କରିଛନ୍ତି, ପାର୍କ, କମ୍ୟୁନିଟି ହଲ୍, ଖେଳ ପଡିଆ, ସେଲଫି ପଏଣ୍ଟ, ଆବର୍ଜନା କୁଣ୍ଡ, କାନ୍ଥଚିତ୍ର ମାଧ୍ୟମରେ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ଓ ସୌନ୍ଦର୍ଯ୍ୟରେ ଗାଁର ଶୋଭାକୁ ବହୁଗୁଣିତ କରିଛି । ଗ୍ରାମବାସୀଙ୍କ ନିଜ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି । ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲକ୍ଷ୍ମୀପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୪ଟି ପରିବାରକୁ ନେଇ ତୁରୁରୁଡା ଗ୍ରାମ । ସାଧାରଣତଃ ଲୋକମାନେ ଆର୍ଥିକ ଅନଗ୍ରସର ଶ୍ରେଣୀ ଅନ୍ତର୍ଭୁକ୍ତ ଅଟନ୍ତି । ଦିନମଜୁରି, କୃଷି, କାଜୁ ଚାଷ ଆଦିରୁ ନିଜର ଜୀବିକା ନିର୍ବାହ କରନ୍ତି । ଏହି ଗ୍ରାମକୁ ସହରୀ ଝଲକ ଦେବା ପଛରେ ଏସବିଆଇ ଫେଲୋ ସଚିନ କାର୍ଲାଙ୍କ ଦିଗଦର୍ଶନ ଅଧିକ ଆଗକୁ ନେଇଛି ।ଗ୍ରାମବିକାଶ ଓ ଗ୍ରାମବାସୀଙ୍କ ସହଭାଗିତାରେ ପୂର୍ବରୁ ଏହି ଗ୍ରାମରେ ଜଳ ଓ ପରିମଳ କାର୍ଯ୍ୟକ୍ରମ କରାଯାଇ, ପ୍ରତ୍ୟେକ ପରିବାରରେ ପାଇଖାନା ଗାଧୁଆଘର ନିର୍ମାଣ ସହିତ ଟ୍ୟାପ ମାଧ୍ୟମରେ ପାନୀୟଜଳ ଘରେ ହାତପାହାନ୍ତାରେ ପାଇପାରୁଛନ୍ତି । ଗାଁ ଲୋକମାନେ ଶ୍ରମ ଓ ସାମଗ୍ରୀ ଦାନକରି ଗାଁର ଚିତ୍ର ବଦଳାଇଛନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୮ ରେ





ପରିତ୍ୟକ୍ତ ବିଦ୍ୟାଳୟକୁ କମ୍ୟୁନିଟି ହଲ ରେ ରୂପାନ୍ତରିତ କରି ପୁସ୍ତକ(କ୍ଷୁଦ୍ର ପାଠାଗାର) ଓ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ନୂତନ ଜ୍ଞାନ ଯୁବ ବର୍ଗ ଓ ଗ୍ରାମବାସୀ ଆହାରଣ କରିପାରୁଛନ୍ତି । ଗ୍ରାମର ଯୁବକମାନେ ନିଜ ହାତରେ କାନ୍ଥଚିତ୍ର ପ୍ରସ୍ତୁତକରି ଗାଁର ଶୋଭାବର୍ଦ୍ଧନ କରିଛନ୍ତି । ଶିଶୁମାନଙ୍କ ଚିତ୍ତବୋନୋଦନ ପାଇଁ ଶିଶୁ ଉଦ୍ୟାନ ଓ ଯୁବକମାନଙ୍କ ପାଇଁ ପରିତ୍ୟକ୍ତ ସ୍ଥାନକୁ ଭାଲିବଲ ଖେଳ ପଡିଆରେ ରୂପାନ୍ତରିତ କରିଛନ୍ତି । ସେଲଫି ପଏଣ୍ଟରେ ପିଲାଠୁ ବୟସ୍କ ପର୍ଯ୍ୟନ୍ତ ନିଜର ଫଟୋ ନେଇ ଖୁସି ମନାଉଛନ୍ତି । ଗାଁର ପରିବେଶକୁ ସଫା ରଖି ହାତରେ ନିର୍ମାଣ କରିଥିବା ଆବର୍ଜନା କୁଣ୍ଡରେ ଅଳିଆ ପକାଉଛନ୍ତି । ଗ୍ରାମର ୨୦ଜଣ ଯୁବକ/ଯୁବତୀମାନଙ୍କୁ ନେଇ ସ୍ମାର୍ଟ ଟାସ୍କଫୋର୍ସ ଗଠନ କରିଛନ୍ତି । ଦଳଗତ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମକୁ ହାତକୁ ନେବା, ତଦାରଖ କରିବା ଓ ସଠିକ ପରିଚାଳନା ପାଇଁ ସ୍ମାର୍ଟ ଟାସ୍କଫୋର୍ସ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ପାରମ୍ପରିକ ଭାବେ ଘଣ୍ଟା ବଜାଇ ଗ୍ରାମର ଲୋକମାନଙ୍କୁ ଏକତ୍ରିତ ହେବା ପାଇଁ ସୂଚନା ଦିଆଯାଇଥାଏ । ଗାଁଲୋକେ ମିଳିତଭାବେ ବୈଠକ ମାଧ୍ୟମରେ ଗାଁର ବିକାଶ ପାଇଁ ନିଷ୍ପତି ନେଇଥାନ୍ତି ।

ତୁବୁରୁଡା ଗ୍ରାମରେ ହୋଇଥିବା ଏହି ବିକାଶ କାର୍ଯ୍ୟକ୍ରମରେ ଲୋକାର୍ପଣ ଉତ୍ସବ ୨୦୨୨ ଅକ୍ଟୋବର ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଗ୍ରାମର ସଭାପତି ପଣ୍ଡା ଶବରଙ୍କ ଅଧକ୍ଷତାରେ ହୋଇଥିବା ଏହି ସମାରୋହରେ ରାୟଗଡ଼ ବ୍ଲକ ଉନ୍ନୟନ ଅଧିକାରୀ(ବିଡ଼ିଓ) ରାଜା ରଣଜିତ୍ ପ୍ରତାପ, ଜିଲ୍ଲାପରିଷଦ ସଦସ୍ୟ (୧୪ନଂ ) ପୀତାମ୍ବର ନାୟକ, ସ୍ଥାନୀୟ ସରପଞ୍ଚ, ଗ୍ରାମବିକାଶ ଜିଲ୍ଲା ପରିଚାଳକ ଲକ୍ଷ୍ମୀନାରାୟଣ ପଣ୍ଡା, କଇଁପୁର କ୍ଷେତ୍ର ସଂଯୋଜକ ବିଜୟ ପାଣିଗ୍ରାହୀ , ମହେନ୍ଦ୍ର ତନୟା ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଜେନା, ଏସବିଆଇ ଫେଲୋ ସଚିନ କାର୍ଲା ଓ ଅନ୍ୟ କ୍ଷେତ୍ରକର୍ମୀ ଉପସ୍ଥିତ ଥିଲେ । ରହି ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଦିନରେ ଗ୍ରାମକୁ ଯାତାୟାତ ଓ ଗମନାଗମନ ସୁବିଧା ପାଇଁ ସ୍ଥାୟୀ ପକ୍କା ସଡକ ନିର୍ମାଣ ପାଇଁ ବିଡ଼ିଓ ଓ ଜିଲ୍ଲାପରିଷଦ ସଦସ୍ୟ ସହଯୋଗର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।










**ବିବରଣୀ/ଫଟୋ : ବିଜୟ ପାଣିଗ୍ରାହୀ, ସନ୍ତୋଷ ରାଉତ, ସଚିନ କାର୍ଲା**

# ଭ୍ରାମ୍ୟମାଣ ପାଠାଗାର ଶିଶୁମାନଙ୍କ ବିକାଶ ପାଇଁ ବିଶେଷ ଫଳପ୍ରଦ ହେଉଛି





ଏଶିଶୁମାନେ ସଂଗଠିତ ହୋଇ ପରସ୍ପର ଠାରୁ ନିଜର ଶୈକ୍ଷିକ, ମାନସିକ, ବୌଦ୍ଧିକ, ଶାରୀରିକ ଆଦି ବିକାଶ ଆଧାରିତ ଜ୍ଞାନ ଓ ଦକ୍ଷତା ପ୍ରାପ୍ତ କରି ନିଜ ନିଜର ବିକାଶ କରିପାରିବେ । ଏହି ପରିପ୍ରେକ୍ଷୀରେ ଗ୍ରାମବିକାଶ ନିଜର କାର୍ଯ୍ୟକ୍ଷେତ୍ର ପରିସର ଅନ୍ତର୍ଭୁକ୍ତ ଗ୍ରାମୀଣ ଅଞ୍ଚଳରେ ଶିଶୁମାନଙ୍କୁ ନେଇ ଶିଶୁ ସଙ୍ଗଠନ (ଚାଇଲ୍ଡ କ୍ଲବ) ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମମାନ କରି ସେମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ପ୍ରୟାସ ଜାରିରଖିଛି । ଭ୍ରାମ୍ୟମାଣ ପାଠାଗାର ମାଧ୍ୟମରେ ପିଲାମାନଙ୍କର ବହି ପଢିବା ପାଇଁ ଆଗ୍ରହ ଓ ଅଧିକ ଜ୍ଞାନ ଅର୍ଜନ କରିବାର ସୁଯୋଗ ସୃଷ୍ଟି କରାଯାଇଛି ।

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମାରପଦର ଗ୍ରାମରେ ୬୫ଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ପରିବାର ବାସକରନ୍ତି । ଗ୍ରାମର ସମସ୍ତ ପରିବାରର ୨୮ଜଣ କୁନି ପୁଅଝିଅ ମାନେ ମିଶି 'ବାଜି ରାଉତ ଶିଶୁ ସଙ୍ଗଠନ' ଗଠନ କରିଛନ୍ତି । ଗ୍ରାମ ବିଦ୍ୟାଳୟରେ ପାଠପଢୁଥିବା ଓ ଅଧାରୁ ପାଠ ଛାଡିଥିବା ପିଲାମାନେ ଏହି ସଙ୍ଗଠନର ସଦସ୍ୟ ଅଟନ୍ତି । ଗ୍ରାମବିକାଶ ସହଯୋଗରେ ଶିଶୁ ସଙ୍ଗଠନକୁ ଭ୍ରାମ୍ୟମାଣ ପାଠାଗାର ମାଧ୍ୟମରେ ଓଡିଆ, ହିନ୍ଦୀ, ଇଂରାଜୀ ଭାଷାର ଗଳ୍ପ, ସାଧାରଣ ଜ୍ଞାନ ତଥା ଶିକ୍ଷା ସମ୍ବଳିତ ଆକର୍ଷଣୀୟ ପଠନଯୁକ୍ତ ୧୧୦ଖଣ୍ଡ ପୁସ୍ତକ ପ୍ରଦାନ କରାଯାଇଛି । ପିଲାମାନେ ମାସରେ ଚାରିଥର ଗ୍ରାମ୍ୟ ଉନ୍ନୟନ କମିଟି ଦ୍ୱାରା ଚୟନ ହୋଇଥିବା ଭିଆଇଏସପି କ୍ୟାଡର, ଶିଶୁସଭାର ସଭାପତି ଓ ସମ୍ପାଦକଙ୍କ ଜରିଆରେ ନିଜର ନାମ ପଞ୍ଜୀକୃତ କରାଇ ବହି ପଠନ କରି ଉପକୃତ ହୋଇପାରୁଛନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୧୦ ରେ

ନବମ ଶ୍ରେଣୀରେ ପଢୁଥିବା ଶିଶୁ ସଙ୍ଗଠନର ସଦସ୍ୟ ଜଗଦୀଶ ଗୌଡ କୁହନ୍ତି, ମୁଁ ଓଡିଆ ସହିତ ଇଂରାଜୀ ଓ ହିନ୍ଦୀ ଭାଷାର ଗଳ୍ପ ବହି ପଢିର ସୁଯୋଗ ପାଇଲି । ମୁଁ ଗଳ୍ପ ବହି ବଢିବାକୁ ବହୁତ ଭଲପାଏ । ପୂର୍ବରୁ ଇଚ୍ଛାଥିଲେ ମଧ ଆମ ଗାଁ କିମ୍ବା ଆଖପାଖ ଗାଁରେ ଏପରି ସୁବିଧା ନଥିଲା । ଏବେ ତିନି ଭାଷାର ବିଭିନ୍ନ ବହିପଢି ଉପକୃତ ହେବା ସହିତ ଅଧିକ ଜ୍ଞାନ ବୃଦ୍ଧି କରିପାରୁଛି ।

ଶିଶୁ ସଙ୍ଗଠନର ସମ୍ପାଦିକା ସରମିଲା ମାଝୀ କୁହନ୍ତି " ଆମ ଶିଶୁସଭାର ସମସ୍ତ ପିଲାମାନେ ଯେପରି ପହି ପଢିପାରିବେ ଏବଂ ଏହାର ରକ୍ଷଣାବେକ୍ଷଣ ହେବ ସେଥିପାଇଁ ଯତ୍ନବାନ ହେବା ସହିତ ପରିଚାଳନା ପାଇଁ ନିୟମ ତିଆରି କରିଛୁ । ଗ୍ରାମ୍ୟ ଉନ୍ନୟନ କମିଟିର ମତାମତ ନେଉଛୁ । ଏହି ଭ୍ରାମ୍ୟମାଣ ପାଠାଗାର ଆମ ସଙ୍ଗଠନର ଥିବାରୁ, ଏଠାରୁ ବିଭିନ୍ନ ବହି ନେଇ ପଢିପାରୁଛୁ, ଏବେ ଆମଗାଁର ସମସ୍ତ ପିଲା ଖୁସି ଅଛୁ ।

ଶିକ୍ଷଣ ପ୍ରକ୍ରିୟାରେ ଶିଶୁମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରି ସଂଗଠିତ କରିବା । ପିଲାମାନଙ୍କ ଭିତରେଥିବା ଅନ୍ତର୍ନିହିତ ଜନ୍ମଜାତ ସମ୍ଭାବନାକୁ ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରି ତାଙ୍କର କ୍ଷମତା ବୃଦ୍ଧିକରିବା । ପିଲାମାନଙ୍କର ଜୀବନ ଜିଇବାର ଦକ୍ଷତାକୁ ବିକାଶ କରିବା, ସୃଜନଶୀଳତା ଏବଂ ଅଭିନବ ନୂତନ କୌଶଳ ବିକାଶ ପାଇଁ ତାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା, ସ୍ୱାସ୍ଥ୍ୟ, ପରିମଳ ଏବଂ ପରିବେଶ ଉପରେ ସଚେତନତା ବୃଦ୍ଧି ସହିତ ପିଲାମାନଙ୍କର ଶ୍ରେଣୀଗୃହ ଶିକ୍ଷାକୁ ବାସ୍ତବ ଜୀବନ ଅଭ୍ୟାସରେ ରୂପାନ୍ତରିତ କରିବାର ଏକ ମାଧମ ଭାବରେ ଶିଶୁସଭା ସହଯୋଗ କରିବ । ନିଜେ ନିସ୍ପତି ନେବା, ନିଜ ସମସ୍ୟାର ସମାଧାନ କରିବା, ଆଲୋଚନା ଚକ୍ରରେ ନିଜ ମତ ପ୍ରକାଶ କରିବା ଏବଂ ପ୍ରଭାବଶାଳୀ ଭାବରେ ଯୋଗାଯୋଗ କରିବା, ସୁସ୍ଥ ସମ୍ପର୍କ ଗଢିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତିଶୀଳ ହେବା, ଏବଂ ଏକ ସୁସ୍ଥ ଜୀବନ ବିତାଇବା ପାଇଁ ଶିଶୁ ସଭା ମାଧମରେ ନିଜର ବିଚାରକୁ ବିକଶିତ କରିବାର ଏହା ଏକ ମଞ୍ଚ । ଅଧାରୁ ପାଠ ଛାଡିଥିବା ତଥା ଶିକ୍ଷାରୁ ବଞ୍ଚିତ ଏବଂ ଭିନ୍ନକ୍ଷମ ପିଲାମାନେ ଏଥିରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ପାଇ, ଖୋଲା ଆଭିମୁଖ୍ୟ ମାଧମରେ ଶିକ୍ଷା ଗ୍ରହଣର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ।

ଗ୍ରାମବିକାଶ ନିଜର କାର୍ଯ୍ୟକ୍ଷେତ୍ର ପରିସର ଅନ୍ତର୍ଭୁକ୍ତ ବିଭିନ୍ନ ଜିଲ୍ଲାର ଗ୍ରାମମାନଙ୍କରେ ଶିଶୁ ସଙ୍ଗଠନ ଜରିଆରେ ଶିଶୁମାନଙ୍କର ପୂର୍ଣ୍ଣାଙ୍ଗ ବିକାଶକୁ ଗୁରୁତ୍ୱ ଦେଇ ସେମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଜରିରଖିଛି । ଆଗାମୀ ପିଢୀ ସଶକ୍ତ ହେଲେ, ଗ୍ରାମ୍ୟ ଅନୁଷ୍ଠାନ ଦୀର୍ଘସ୍ଥାୟୀ ହୋଇ ତୃଣମୂଳ ସ୍ତରରେ ବିକାଶର ଧାରା ବଜାୟ ରହିବ । ଫଳସ୍ୱରୂପ ଏକ ସୁସ୍ଥ, ସଶକ୍ତ, ସୁଦୃଢ ଓ ସାମଗ୍ରିକ ବିକାଶ ସମ୍ପନ୍ନ ସମାଜ ଗଠନ ସ୍ୱପ୍ନ ସାକାର ହେବ ।

**ବିବରଣୀ/ଫଟୋ : ସନ୍ତୋଷ ରାଉତ, ଅମର ସିଂ ମାଝୀ**

# ବାର୍ଦ୍ଧକ୍ୟ ଭତ୍ତା – ମୋର ଔଷଧ ଓ ଦୈନନ୍ଦିନ ଖର୍ଚ୍ଚରେ ସହାୟକ ହେବ

ଶୁଣ୍ଠୀ ମଲିକ ଅନେକ ଥର ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଥିବାରୁ ନିରାସ ହୋଇଥିଲେ । ସାମାଜିକ ସୁରକ୍ଷା ସାଥୀଙ୍କ ସହଯୋଗରେ ଭାର୍ଦ୍ଧକ୍ୟ ଭତ୍ତା ପାଇପାରିଲେ । ଏହା ତାଙ୍କର ଔଷଧ ଓ ପରିବାରର ଦୈନନ୍ଦିନ ଖର୍ଚ୍ଚ ଚଳାଇବା ପାଇଁ କିଛିମାତ୍ରାରେ ସହାୟକ ହେବ ।



ଶୁଣ୍ଠୀ ମଲିକ ବୟସ ୬୭ବର୍ଷ, ନିଜର ପତ୍ନୀ ଓ ଏକମାତ୍ର ନାବାଳକ ପୁଅକୁ ନେଇ ତାଙ୍କର ଛୋଟିଆ ପରିବାର କନ୍ଧମାଳ ଜିଲ୍ଲା କେ.ନୂଆଗାଁ ବ୍ଲକ ସିର୍ତ୍ତିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗସୁକିଆ ଗ୍ରାମରେ ବାସକରନ୍ତି । ଶୁଣ୍ଠୀ ମଲିକ ଅସ୍ଥି ଟି.ବି ରୋଗରେ ପୀଡିତ ଥିଲେ ତେଣୁ ସେ ବିଶେଷ ଶାରୀରିକ ପରିଶ୍ରମ କରିପାରନ୍ତି ନାହିଁ । ନିଜର ଘର ପାଖ ଜମିରେ କଷ୍ଟେମଷ୍ଟେ ଚାଷକାର୍ଯ୍ୟ କରି ବହୁତ କଷ୍ଟରେ ପରିବାର ପ୍ରତିପୋଷଣ କରନ୍ତି ।

ଶ୍ୱାସ ରୋଗରେ ପୀଡିତ ରୋଗୀଣା ପତ୍ନୀ ଓ ନିଜ ପାଇଁ ଔଷଧ ଖର୍ଚ୍ଚ ତଥା ବିବାହର ୩୨ବର୍ଷ ପରେ ହୋଇଥିବା ଏକମାତ୍ର ନାବାଳକ ପୁଅ(୧୩ବର୍ଷ)ର ପଢା ଖର୍ଚ୍ଚ ତୁଲାଇବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟ ଥିଲେ ମଧ୍ୟ ସେ ସୁବିଧା ପାଇବାରୁ ବଞ୍ଚିତ ଥିଲେ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଘର ଠାରୁ ବ୍ଲକ କାର୍ଯ୍ୟାଳୟ ୬କି.ମି ଦୂର ଅନେକ ଥର ଯାଇ ଆବେଦନ କରିଥିଲେ ମଧ୍ୟ ନିରାସ ହୋଇଥିଲେ । ସେଥିପାଇଁ ବାରମ୍ବାର ପ୍ରମାଣପତ୍ର ଗୁଡିକର ଜେରକ୍ସ , ଯାତାୟାତ ଓ ଖାଇବା ଖର୍ଚ୍ଚରେ ଅନେକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଥିଲେ । ଅନେକ ସମୟ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାରେ ଯାଉଥିଲା, ବେଳେବେଳେ ସଂପୂର୍ଣ୍ଣ ଦିନ ମଧ୍ୟ ନଷ୍ଟ ହେଉଥିଲା । ଶେଷରେ ନିରାସ ହୋଇ ଭାଗ୍ୟକୁ ଆଦରି ଘରେ ରହିଥିଲେ । ଜୁନ ମାସ ୨୦୨୨ରେ ଗ୍ରାମବିକାଶ ଦ୍ୱାରା ରିନ୍ଦୁରେଖା ମଲିକ ସାମାଜିକ ସୁରକ୍ଷା ସାଥୀ ଭାବରେ ସିର୍ତ୍ତିଗୁଡା ଗ୍ରାମପଞ୍ଚାୟତରେ କାମ କଲେ । ସେହି ସମୟରେ ଶୁଣ୍ଠୀ ମଲିକଙ୍କ ବିଷୟରେ ଜାଣି ଜୁଲାଇ ମାସ ୨୦୨୨ରେ ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବଶ୍ୟକ ସମସ୍ତ ପ୍ରମାଣପତ୍ର ସହିତ ଅନଲାଇନ୍ ରେ ଆବେଦନ କଲେ । ଏବଂ ବ୍ଲକ କାର୍ଯ୍ୟାଳୟରେ ସାମାଜିକ ସଂପ୍ରସାରଣ ଅଧିକାରୀ(SEO)ଙ୍କୁ ଭେଟି ରିନ୍ଦୁରେଖା ଶୁଣ୍ଠୀ ମଲିକଙ୍କ ଆବେଦନ ପତ୍ର ପ୍ରଦାନ କରିଥିଲେ ।

ଅବଶିଷ୍ଟାଂଶ - ପୃଷ୍ଠା ୧୨ ରେ

ଅକ୍ଟୋବର ମାସ ୨୦୨୨ ପ୍ରଥମ ସପ୍ତାହରେ ଶ୍ରୀ ମଲିକ ଅଗଷ୍ଟ ଓ ସେପ୍ଟେମ୍ବର ମାସର ବାର୍ଦ୍ଧକ୍ୟ ଭତ୍ତା ବାବଦରେ ଦୁଇମାସର ମୋଟ ୧୦୦୦/-(ଏକ ହଜାର) ଟଙ୍କା ପ୍ରଥମ ଥର ପାଇଲେ । ମାସିକ ୫୦୦/-ଟଙ୍କା କରି ଅକ୍ଟୋବର ଓ ନଭେମ୍ବର ମାସର ଭତ୍ତା ମଧ ପାଇଛନ୍ତି ।

ଶ୍ରୀ ମଲିକ ଖୁସିବ୍ୟକ୍ତ କରି କୁହନ୍ତି "ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଅନେକ ସମୟ ଓ ଅର୍ଥ ଖର୍ଚ୍ଚ କରିଥିଲି । ଅନେକ ଥର ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ଯାଉଥିଲି । ମୁଁ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଥିବାରୁ ନିରାସ ହୋଇଥିଲି । ଆମ ଗ୍ରାମର ସାମାଜିକ ସୁରକ୍ଷା ସାଥୀ ରିନ୍ଦୁରେଖା ମୋତେ ସାହାଯ୍ୟ କଲେ । ପ୍ରଥମେ ଏକାଥରେ ମୁଁ ଦୁଇମାସର ଭତ୍ତା ୧୦୦୦/- ଟଙ୍କା ପାଇଲି । ଅକ୍ଟୋବର ଓ ନଭେମ୍ବର ମାସର ଭତ୍ତା ୫୦୦/-(ପାଞ୍ଚଶହ)ଟଙ୍କା କରି ଦୁଇମାସର ମଧ ପାଇଛି । ଏହି ଟଙ୍କାରେ ମୁଁ ଔଷଧ କିଣିବା ସହିତ ଦୈନନ୍ଦିନ ଘର ପାଇଁ ଆବଶ୍ୟକୀୟ ତେଜରାତି ସଉଦା କିଣିପାରିବି ।"



**ବିବରଣୀ : ରିନ୍ଦୁରେଖା ମଲିକ, ସନ୍ତୋଷ ପାଢୀ**
**ଫଟୋ: ରିନ୍ଦୁରେଖା ମଲିକ**

## ପ୍ରବାସୀ ଶ୍ରମିକରୁ ଆର୍ଥିକ ସ୍ୱାବଲମ୍ବୀ ହେଲେ ଗଜେନ୍ଦ୍ର

ନିଜର ଇଛାଶକ୍ତି ଓ ଉଦ୍ୟମରେ ୨୯ ବର୍ଷୀୟ ଗଜେନ୍ଦ୍ର ସାହୁ ଗାଁରେ ରହି ନିଜର ଜୀବିକକୁ ସୁଦୃଢ କରିପାରିଛନ୍ତି । ସୁଦୂର କେରଳ ରାଜ୍ୟରେ ପ୍ରବାସୀ ଶ୍ରମିକଭାବେ କାର୍ଯ୍ୟ କରି ରୋଜଗାର କରିଥିବା ସଞ୍ଚିତ ଅର୍ଥରେ ନିଜର ବ୍ୟବସାୟ ଆରମ୍ଭ କରିବା ସହିତ ଆର୍ଥିକ ସହଯୋଗ କରି ନିଜର ସନଭାଇକୁ ମଧ ସ୍ୱାବଲମ୍ବୀ କରାଇ ପାରିଛନ୍ତି । କୋରୋନା ମହାମାରୀ ସମୟରେ ତାଙ୍କର ଏପରି ଉଦ୍ୟମ ତାଙ୍କ ପରିବାରର ଆର୍ଥିକ ସଙ୍କଟକୁ ସମାଧାନ କରିବାରେ ସହାୟକ ହୋଇଛି ।

ଅବଶିଷ୍ଟାଂଶ - ପୃଷ୍ଠା ୧୩ରେ




କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଡ଼ି ଗ୍ରାମରେ ରାଜେନ୍ଦ୍ର ସାହୁ ବାପା,ମା, ପତ୍ନୀ, ଦୁଇ ବର୍ଷର ପୁଅ, ଓ ସାନଭାଇଙ୍କୁ ନେଇ ନିଜର ମୋଟ ୬ଜଣିଆ ପରିବାର ସଦସ୍ୟଙ୍କୁ ନେଇ ବାସକରନ୍ତି । ପିଲାଦିନରୁ ଗଜେନ୍ଦ୍ରଙ୍କ ପରିବାର ଆର୍ଥିକ ସମସ୍ୟା ଦେଇ ଗତିକରୁଥିଲେ । ତାଙ୍କ ବାପା ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ । ସେ ସମୟରେ ଘରର ଆର୍ଥିକ ସମସ୍ୟା ଗଜେନ୍ଦ୍ରଙ୍କ ମନକୁ ବ୍ୟଥିତ କରୁଥିଲା । ବାପଙ୍କୁ କାମରେ ସାହାଯ୍ୟ କରିବା ପାଇଁ ପାଠପଢା ଅଧାରୁ ଛାଡିଥିଲେ । କିଛିଦିନ ଗାଁରେ ରହି କାମକରିବା ପରେ ସାଙ୍ଗମାନଙ୍କ ସହିତ ଅଧିକ ରୋଜଗାର ପାଇଁ ୨୦୦୮ ମସିହାରେ କେରଳ ରାଜ୍ୟକୁ ଚାଲିଯାଇଥିଲେ । ସେଠାରେ ଏକ ହୋଟେଲରେ ମାସିକ ଟ.୯୦୦୦/-(ନଅ ହଜାର) ଟଙ୍କା ଦରମାରେ କାମକଲେ । ୨୦୧୩ ପର୍ଯ୍ୟନ୍ତ କାମକରି ଘରକୁ ଫେରିଥିଲେ । ପୁନର୍ବାର ୨୦୧୪ ରେ କେରଳ ଯାଇଥିଲେ । ନିଜର କାର୍ଯ୍ୟଦକ୍ଷତା ପାଇଁ ଦୈନିକ ୧୦୦୦/-(ଏକ ହଜାର) ଟଙ୍କା ହିସାବରେ ଏକ ହୋଟେଲରେ କାମକଲେ । ମାସିକ ପାଖାପାଖି ୨୫୦୦୦/- (ପଚିଶି ହଜାର)ଟଙ୍କା ପର୍ଯ୍ୟନ୍ତ ରୋଜଗାର କଲେ । କୋଭିଡ଼-୧୯ ମହାମାରୀ ସଂକ୍ରମଣ ବୃଦ୍ଧିହେବା ପରେ ୨୦୨୦ ମସିହାରେ ନିଜ ଗାଁ ଅଡ଼ିକୁ ଫେରିଆସିଲେ । ତିନି ରୁ ଚାରିମାସ ରୋଜଗାର ହରେଇ ଘରେ ବସିବା ପରେ, ନିଜର ସଞ୍ଚିତ ଅର୍ଥରାଶିକୁ ବିନିଯୋଗ କରି ଏକ ଫାଷ୍ଟଫୁଡ ଦୋକାନ ଆରମ୍ଭ କଲେ । ଏଥିପାଇଁ କେରଳର ହୋଟେଲରେ କାମକରିବାର ଦକ୍ଷତାକୁ ଉପୋଯୋଗ କଲେ । କୋରୋନା ମହାମାରୀ ସମୟରେ ଅଧିକାଂଶ ପ୍ରବାସୀ ଗାଁକୁ ଫେରି ନିଜର ଜୀବିକା ହରାଇ ଘରେ ବସିଥିଲେ । ସେହି ସମୟରେ ରାଜେନ୍ଦ୍ର ନିଜର ଦକ୍ଷତା ଓ ଉଦ୍ୟମକୁ ସାକାର ରୂପଦେଇ ନିଜ ଗାଁରେ ମଧ ଜୀବିକାକୁ ସୁଦୃଢ କଲେ । ବର୍ତ୍ତମାନ ଦୈନିକ ୨୫୦୦/-(ପଚିଶି ଶହ)ଟଙ୍କାରୁ ଅଧିକ ବ୍ୟବସାୟ କରି ୭୦୦/- ରୁ ୮୦୦/-(ସାତଶହ ରୁ ଆଠଶହ)) ଟଙ୍କା ନଗଦ ରୋଜଗାର କରିପାରୁଛନ୍ତି । ନିଜର ରୋଜଗାର ଅର୍ଥରାଶିରୁ ୨,୦୦,୦୦୦/-(ଦୁଇଲକ୍ଷ)ଟଙ୍କା ଭାଇ ଦିଲ୍ଲୀପ ସାହୁଙ୍କୁ ସହଯୋଗ କରିଛନ୍ତି । ତାଙ୍କର ଭାଇ ନିକଟସ୍ଥ ବଜାରରେ ଏକ ଔଷଧ ଦୋକାନ କରି ସ୍ୱରୋଜଗାରକ୍ଷମ ତଥା ଆର୍ଥିକ ସ୍ୱାବଲମ୍ବୀ ମଧ ହୋଇପାରିଛନ୍ତି ।

**ବିବରଣୀ /ଫଟୋ – ବିଦ୍ୟୁତପ୍ରଭା ପ୍ରହରାଜ**

# ଜୀବିକା ସୁଦୃଢ ପାଇଁ ଅଣକୃଷି କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ - ଛତୁଚାଷ ପ୍ରଶିକ୍ଷଣ




ଗୋଷ୍ଠୀଗତ ଓ ବ୍ୟକ୍ତିଗତ ସ୍ତରରେ ଆର୍ଥିକ ସ୍ୱାଧୀନତାକୁ ସୁଦୃଢ ତଥା ଜୀବିକାରେ ଉନ୍ନତି ପାଇଁ ଗ୍ରାମାଞ୍ଚଳର ଚାଷୀମାନଙ୍କୁ ଉତ୍ସାହିତ କରିବାର ପଦକ୍ଷେପ । ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମାପଲା ଓ ସିନ୍ଧିପଦର ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ଓ କୃଷକ ଉତ୍ପାଦକ ଗୋଷ୍ଠୀର ମୋଟ ୧୫ଜଣ ସଦସ୍ୟ/ସଦସ୍ୟା ନିଜର ଜୀବିକାକୁ ସୁଦୃଢ କରିବା ପାଇଁ, ଅଣକୃଷି ଭିତ୍ତିକ ଛତୁଚାଷ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ସାଧାରଣତଃ ଉଭୟ ଗ୍ରାମରେ ବାସ କରୁଥିବା ସମସ୍ତ ପରିବାର ଗୁଡିକ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ଦିନମଜୁରି ଓ କୃଷି ଉପରେ ଜୀବିକା ନିର୍ଭର କରିଥାନ୍ତି । ଏକ ଦିବସୀୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କୃଷି ବିଜ୍ଞାନ କେନ୍ଦ୍ର(KVK) ଭବନିପାଟଣାର ସହଯୋଗ ଓ ଗ୍ରାମବିକାଶ ଆନୁକୂଲ୍ୟରେ ତା ୧୯.୧୧.୨୨ ରିଖରେ ଭବନିପାଟଣା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । କୃଷିବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ସହିତ ଗ୍ରାମବିକାଶର କୃଷିଜୀବିକା ସଂଯୋଜକଙ୍କ ଯୋଗାଯୋଗ ମାଧମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାର ଯୋଜନା ହୋଇଥିଲା । ସ୍ୱେଚ୍ଛାକୃତ ଭାବେ ଆଗ୍ରହୀ ଅଂଶଗ୍ରହଣକାରୀମାନେ ଗାଁ ଠାରୁ ୭୫ କି.ମି ଦୂର ଭବାନୀପାଟଣାସ୍ଥ କୃଷିବିଜ୍ଞାନ କେନ୍ଦ୍ରରେ ନିଜସ୍ୱ ଗସ୍ତ ଖର୍ଚ୍ଚରେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ ।

କୃଷିବିଜ୍ଞାନ କେନ୍ଦ୍ରର କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡଃ ତ୍ରିବିଜୟୀ ବଡଜେନା ବିଭିନ୍ନ ପ୍ରକାର ଚତୁଚାଷ, ଉପାଦେୟତା, ବ୍ୟବସାୟିକ ଧାରଣା ଇତ୍ୟାଦି ଉପରେ ଆଲୋଚନା କରିବା ସହିତ ବିଶ୍ଳେଷଣାତ୍ମକ ଅବଧାରଣା (Theory) ତଥା କ୍ରିୟାତ୍ମକ ପ୍ରଦର୍ଶନ(Practical) ମାଧମରେ ତାଲିମ ପ୍ରଦାନ କରିଥିଲେ । ପ୍ରଶିକ୍ଷାର୍ଥୀଙ୍କ ମଧାହ୍ନ ଭୋଜନ ବ୍ୟବସ୍ଥା ସହିତ ଛତୁଚାଷ ପାଇଁ ଆବଶ୍ୟକ ପଲିଥିନ ଓ ଛତୁମଞ୍ଜି ଅଂଶଗ୍ରହଣକାରୀଙ୍କୁ କୃଷିବିଜ୍ଞାନ କେନ୍ଦ୍ର ତରଫରୁ ପ୍ରଦାନ କରାଯାଇଥିଲା । ଏହା ସହିତ ଉପସ୍ଥିତ ଚାଷୀମାନଙ୍କୁ କନ୍ଦମୂଳ ଚାଷ ପାଇଁ ଚାରା, ହଳଦିଆ ଷ୍ଟିକ କାର୍ଡ ଓ କୀଟନାଶକ ପ୍ରଦାନ କରାଯାଇଥିଲା ।

ଅବଶିଷ୍ଟାଂଶ - ପୃଷ୍ଠା ୧୫ରେ

ପ୍ରଶିକ୍ଷଣ ଗ୍ରହଣ କରିଥିବା ଚାଷୀମାନେ ବର୍ତ୍ତମାନ ଗୋଷ୍ଠୀଗତ ଭାବରେ ଡିଙ୍ଗିରି ଛତୁଚାଷ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଗ୍ରୀଷ୍ମ ଋତୁରେ ପାଳଛତୁ କରିବା ପାଇଁ ଯୋଜନା ରଖିଛନ୍ତି । ଗ୍ରାମୀଣ ସ୍ତରରେ ଜୀବିକାକୁ ସୁଦୃଢ କରିବା ପାଇଁ ଗ୍ରାମବିକାଶ ତରଫରୁ ସଚେତନତା ସହିତ ତାଲିମର ସୁଯୋଗ ପ୍ରଦାନ କରି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଆସୁଛି । ଏହି କାର୍ଯ୍ୟକ୍ରମ ସଂଯୋଜନାରେ ଗ୍ରାମବିକାଶର କୃଷିଜୀବିକା ସଂଯୋଜକ କୃଷ୍ଣଚନ୍ଦ୍ର ଦିକ୍ଷିତଙ୍କ ସହିତ କ୍ଷେତ୍ରକର୍ମୀ ଖଗେଶ୍ୱର ପ୍ରଧାନ ଓ ସରିତା ମାଝୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

**ବିବରଣୀ/ଫଟୋ: କୃଷ୍ଣଚନ୍ଦ୍ର ଦିକ୍ଷିତ**

## ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ପରିଚାଳନା ଉପରେ ସଚେତନତା କାର୍ମଶାଳା

ମାସିକ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବା, ଏହି ସମୟରେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୀବା ଏବଂ ସ୍ୱଚ୍ଛତା ଅବଲମ୍ବନ କରିବା । ଯାହାଫଳରେ କୌଣସି ପ୍ରକାର ରି-ପ୍ରଡକ୍ଟିଭ୍ ଟ୍ରାକ୍ଟ ସଂକ୍ରମଣ ହେବ ନାହିଁ ।




ଗଞ୍ଜାମ ଜିଲ୍ଲା କଙ୍କିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମିତ୍ରପୁର କଲ୍ୟାଣ ମଣ୍ଡପ ଠାରେ ୨୦୨୨ନଭେମ୍ବର ୨୪ତାରିଖରେ ଜାପାନ ଷ୍ଟାର ସହାୟତା ଓ ଗ୍ରାମବିକାଶ ଆନୁକୂଲ୍ୟରେ "ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ପରିଚାଳନା" ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଙ୍କିଆ ଗ୍ରାମପଞ୍ଚାୟତର ସାନକରଞ୍ଜେଇ, ମିତ୍ରପୁର, ଶୁଳିଆ, ସରକଟା-୧ ଓ ସରକଟା-୨ ଆଦି ଗ୍ରାମର କିଶୋରୀ ବାଳିକା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀମାନେ ଅଂଶଗ୍ରହଣ କରିଥିଲେ । ପରସ୍ପର ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ମାଧ୍ୟମରେ ଋତୁସ୍ରାବ ସ୍ୱାସ୍ଥ୍ୟ ଉପରେ ସଚେତନତା ବୃଦ୍ଧି କରାଯାଇଛି । ୫ଟି ଗ୍ରାମରୁ ୪୨ଜଣ ମହିଳା ଓ କିଶୋରୀ ବାଳିକା ଉପସ୍ଥିତଥିଲେ ।

ଅବଶିଷ୍ଟାଂଶ - ପୃଷ୍ଠା ୧୬ରେ

ଋତୁସ୍ରାବ ସ୍ୱାସ୍ଥ୍ୟ ସମସ୍ୟା, ବ୍ୟକ୍ତିଗତ ସ୍ୱାସ୍ଥ୍ୟର ଯତ୍ନ, ପ୍ୟାଡ ବ୍ୟବହାର, ବିଭିନ୍ନ ଯୌନ ସଂକ୍ରମଣ ଓ ଏଥିଜନିତ ସମସ୍ୟା କର୍କଟ ଓ ବନ୍ଧ୍ୟାତ୍ୱ ଉପରେ ଆଲୋଚନା କରାଯାଇ ପ୍ରଶ୍ନୋତ୍ତର ମାଧ୍ୟମରେ ସଚେତନତା ବୃଦ୍ଧି କରାଯାଇଥିଲା । ସକରାତ୍ମକ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ଅଭ୍ୟାସ ବଜାୟ ରଖିବା ପାଇଁ ଗ୍ରାମାଞ୍ଚଳର କିଶୋରୀ ବାଳିକା ଓ ମହିଳା ମାନଙ୍କୁ ମାସିକ ଋତୁସ୍ରାବ, ଋତୁସ୍ରାବ ସମୟରେ ସ୍ୱଚ୍ଛତା ପରିଚାଳନା, ହାତ ଧୋଇବା, ବ୍ୟକ୍ତିଗତ ସ୍ୱଚ୍ଛତା ତଥା ପୁଷ୍ଟିକରକ ପୋଷଣଯୁକ୍ତ ଆହାରର ଅଭାବ ହେତୁ ରକ୍ତହୀନତା ତଥା ପ୍ରଜନନ ସମ୍ବନ୍ଧୀୟ ରୋଗ ବିଷୟରେମଧ୍ୟ ସଚେତନ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀମତୀ କୁମକୁମ୍ ଆଚାରୀ, ଏଏନଏମ ଶ୍ରୀମତୀ ପ୍ରମିଳା ପାତ୍ର, ଆଇସିଡ଼ିଏସ ସୁପରଭାଇଜର ଶ୍ରୀମତୀ ସ୍ମିତାମୟୀ ପ୍ରଧାନ, ଶ୍ରୀମତୀ ଲିଜା ସେଠୀ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ସଚେତନ କରିଥିଲେ । ଗ୍ରାମବିକାଶର କର୍ମୀ ମାନସ ସାମନ୍ତ, ବିଦୁ୍ୟଲତା ଧଳ, ମାଣିକମାଳା ସ୍ୱାଇଁ ଓ ବିବେକାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।
ଜାତୀୟ ପାରିବାରିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନଏଫଏଚଏସ) ରିପୋର୍ଟ ଅନୁଯାୟୀ ପ୍ରାୟ ୫୦ ପ୍ରତିଶତ ମହିଳା ଏପର୍ଯ୍ୟନ୍ତ ଋତୁସ୍ରାବ କାଳରେ ସୁରକ୍ଷା ପାଇଁ କପଡା ବ୍ୟବହାର କରନ୍ତି । ବିଶେଷଜ୍ଞମାନେ ଏହାକୁ ସଚେତନତାର ଅଭାବ ଏବଂ ଋତୁସ୍ରାବକୁ ନେଇ ରହିଥିବା ବିଭିନ୍ନ ପ୍ରକାରର ଅଜ୍ଞତା ଓ ଅନ୍ଧବିଶ୍ୱାସ ଦାୟୀ ବୋଲି ମତପ୍ରକାଶ କରନ୍ତି । ଭାରତରେ ୬୪ ପ୍ରତିଶତ ମହିଳା ବିଭିନ୍ନ କମ୍ପାନି ଦ୍ୱାରା ପ୍ରସ୍ତୁତ ସାନିଟାରି ନାପକିନ୍ ବ୍ୟବହାର କରୁଥିବା ବେଳେ, ୫୦ ପ୍ରତିଶତ କପଡା ବ୍ୟବହାର କରନ୍ତି ଏବଂ ୧୫ ପ୍ରତିଶତ ସ୍ଥାନୀୟ ଭାବରେ ପ୍ରସ୍ତୁତ ନାପକିନ୍ ବ୍ୟବହାର କରନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି ।

**ବିବରଣୀ/ଫଟୋ : ମାଣିକମାଳା ସ୍ୱାଇଁ**





# ପାଇଖାନା ଓ ପାଣି ବ୍ୟବସ୍ଥା ବୃଦ୍ଧ ଦମ୍ପତିଙ୍କ ପାଇଁ ବରଦାନ ସାଜିଛି





'ଶୌଚାଳୟ' ଉଦ୍ଧବଙ୍କ ବାର୍ଦ୍ଧକ୍ୟ ଓ ଶାରୀରିକ ଅସୁବିଧା ସମୟରେ ଉପକାରରେ ଆସିଲା । ବ୍ୟବହୃତ ମଇଳା ଜଳ ଉପଯୋଗ କରି ବାଡିରେ ସବୁଜ ପୁଷ୍ଟି ବଗିଚା ସମ୍ଭବ ହେଲା । ବୃଦ୍ଧ ଦମ୍ପତି ଦ୍ୱୟ ଖାଦ୍ୟରେ ସବୁଜ ପନିପରିବା ପାଇବା ସହିତ ଆର୍ଥିକ ପରିସ୍ଥିତି ସହଜ କରିବାରେ ଏହି ପୁଷ୍ଟି ବଗିଚା ସହାୟକ ହେଲା ।

କନ୍ଧମାଳ ଜିଲ୍ଲା କେ. ନୂଆଗାଁ ବ୍ଲକ ସିର୍ତ୍ତିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗସୁକିଆ ଗ୍ରାମରେ ମଳୟ ଦେହୁରି ବୟସ ୬୫ବର୍ଷ, ସ୍ୱାମୀ ଉଦ୍ଧବ ଦେହୁରୀ (ବୟସ ୭୦ବର୍ଷ)ଙ୍କ ସହିତ ବାସକରନ୍ତି । ପତିପତ୍ନୀ ଦୁଇଜଣଙ୍କୁ ନେଇ ତାଙ୍କର ଏହି ଛୋଟିଆ ପରିବାର । ୨୨ବର୍ଷ ପୂର୍ବରୁ ତାଙ୍କର ଏକମାତ୍ର ଝିଅର ବିବାହ ସାରିଛନ୍ତି । ନିଜଗାଁ ତଥା ନିକଟସ୍ଥ ବଣ୍ଡାଗୁଡା ଗାଁରେ ଘରକୁ ଘର ବୁଲି ମଳୟ ମୁଢି ବିକ୍ରି କରି ନିଜର ଜୀବିକା ନିର୍ବାହ କରନ୍ତି । ମୁଢି ବିକ୍ରି କରି ତାହା ବଦଳରେ ଧାନ ଆଣନ୍ତି, ସେହି ଧାନକୁ ଚାଉଳ କରି ମୁଢି ତିଆରି କରନ୍ତି ଓ ସେଥିରୁ ବଳକା ଚାଉଳକୁ ନିଜ ଖାଇବା ପାଇଁ ରଖନ୍ତି । ଗତ ପାଞ୍ଚ ବର୍ଷ ପୂର୍ବରୁ ସ୍ୱାମୀ ଉଦ୍ଧବ, ବାତ ରୋଗର ଶିକାର ହୋଇ ନିଜେ ଅକ୍ଷମତା ସହିତ ଚାଲି ପାରନ୍ତି ନାହିଁ । ସେଥିପାଇଁ ମଳୟଙ୍କ ଉପରେ ଘର ଚଳାଇବା ପାଇଁ ସଂପୂର୍ଣ୍ଣ ଭାର ରହିଥାଏ । ଶାରୀରିକ ଅସୁସ୍ଥତା ପାଇଁ ଔଷଧ ବାବଦରେ ଅଧିକ ଖର୍ଚ୍ଚର ଆବଶ୍ୟକତା ଥାଏ । ଉଭୟଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯାହା ମିଳେ, ଔଷଧ ଖର୍ଚ୍ଚ ପାଇଁ ତାହା ନିଅଣ୍ଟ ହୋଇଥାଏ । ମୁଢି ବିକ୍ରି କରି ଘରପାଇଁ ସିନା ଚାଉଳ ମିଳିଯାଏ, ହେଲେ ପନିପରିବା ଓ ଅନ୍ୟାନ୍ୟ ତେଜରାତି ସଉଦା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ । ନିଜ ବାଡିରେ ସବୁଜ ପନିପରିବା ବଗିଚା କରିବା ପାଇଁ ଇଛାଥିଲେ ମଧ୍ୟ ଜଳର ସୁବିଧା ନଥିବାରୁ ଏହା ସମ୍ଭବ ହେଉନଥିଲା ।ଗ୍ରାମବିକାଶ ସହଯୋଗରେ ୨୦୧୪-୧୫ ରେ ସମସ୍ତ ପରିବାରର ପାଇଖାନା ଓ ଗାଧୁଆଘର ନିର୍ମାଣ ସରିଲା ଓ ଚାରିଟି ୱାଟର ସହାୟତାରେ ୨୦୧୫-୧୬ ମସିହାରେ ପାଣିଟାଙ୍କି ନିର୍ମାଣ ପରେ ଗାଁରେ ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ପ୍ରତ୍ୟେକ ପରିବାରର ପାଇଖାନା, ଗାଧୁଆଘର ଓ ରୋଷେଇ ଘରକୁ ଟ୍ୟାପ ମାଧ୍ୟମରେ ଜଳ ଯୋଗାଣ କରାଗଲା ।

ଅବଶିଷ୍ଟାଂଶ - ପୃଷ୍ଠା ୧୮ ରେ

ଗ୍ରାମ ବିକାଶ କ୍ଷେତ୍ରକର୍ମୀଙ୍କ ଦ୍ୱାରା ବ୍ୟବହୃତ ମଇଳା ଜଳର ସଦୁପଯୋଗ ଓ ସବୁଜ ପୁଷ୍ଟି ବଗିଚା ଉପରେ ହୋଇଥିବା ସଚେତନତା ମୂଳକ ବୈଠକରେ ମଳୟ ଅଂଶଗ୍ରହଣ କରିଥିଲେ । ଏହା ପରଠାରୁ ନିଜ ବାଡିରେ ସବୁଜ ପୁଷ୍ଟି ବଗିଚା କରିବା ପାଇଁ ମନସ୍ଥ କଲେ ।

ମଳୟ ନିକଟସ୍ଥ ଜଙ୍ଗଲରୁ ଜାଳେଣି ସଂଗ୍ରହ କରିବା, ମୁଢି ଭାଜିବା, ତାହାକୁ ବିକ୍ରୟ କରିବା ଆଦି ନିଜର ଦୈନନ୍ଦିନ କାର୍ଯ୍ୟରୁ ସମୟ ବାହାରକରି ନିଜ ବାଡିରେ ସବୁଜ ପନିପରିବା ବଗିଚା ଆରମ୍ଭ କଲେ । ନିଜର ଗାଧୁଆଘର ଓ ରୋଷେଇ ଘରର ବ୍ୟବହୃତ ମଇଳା ଜଳ ଏହି ବଗିଚାରେ ଉପଯୋଗ କଲେ । ଏବେ ତାଙ୍କ ବଗିଚାରୁ ଜହ୍ନି, କାକୁଡି, ବୋଇତାଳୁ, ବାଇଗଣ, ଲଙ୍କା, କଦଳୀ, ସଜନା, ଅମୃତଭଣ୍ଡା, ଓଲୁଅ, ଝୁଲଣ, ବିଭିନ୍ନ ଶାଗ ଆଦି ପାଉଛନ୍ତି । ପତିପତ୍ନୀ ଦୁଇଜଣ ବାଡିରୁ ନିଜ ଖାଇବା ପାଇଁ ପନିପରିବା ପାଇବା ସହିତ ବଳକା ପନିପରିବାକୁ ବିକ୍ରୟ କରିଥାନ୍ତି ।
ମଳୟ କୁହନ୍ତି "ପାଇଖାନା ଓ ଜଳଯୋଗାଣ ବ୍ୟବସ୍ଥା ହେବା ପରେ ଆମେ ବହୁତ ଉପକୃତ ହେଉଛୁ । ବ୍ୟବହୃତ ମଇଳା ଜଳକୁ ବ୍ୟବହାର କରି ବାଡିରେ ସବୁଜ ପନିପରିବା ବଗିଚା କରିପାରିଲି । ନିଜ ଖାଦ୍ୟ ପାଇଁ ପରିବା ମୋ ବାଡିରୁ ପାଉଛି, ବାଳକ ପନିପରିବା ବିକ୍ରୟ କରି ବାର୍ଷିକୁ ୬୦୦ରୁ ୭୦୦ ଟଙ୍କା ପାଉଛୁ । ଏହି ଟଙ୍କାରେ ଆମେ ତେଲ, ଲୁଣ ଓ ଅନ୍ୟ ସଉଦା କିଣିବାରେ ସାହାଯ୍ୟ ପାଉଛୁ ।"
ଉଦ୍ଧବ କୁହନ୍ତି " ଏବେ ମୁଁ ଚାଲିବା ପାଇଁ ଅକ୍ଷମ, ଏହି ଅସୁବିଧା ସମୟରେ ମୋ ବାଡିରେ ତିଆରି କରିଥିବା ପାଇଖାନା ମୋର ବହୁତ ଉପକାରରେ ଆସିଲା । ଆମର ଗାଧୁଆ ଓ ରୋଷେଇ ଘରର ପାଣି ଜମିରହି ମଶା ଓ ପଚା ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେଉଥିଲା । ଏବେ ଏହି ବ୍ୟବହୃତ ମଇଳା ପାଣିକୁ ବ୍ୟବହାର କରି ଆମ ବାଡିରେ ସବୁଜ ପରିବା ବଗିଚା କରିପାରିଲୁ । ବର୍ତ୍ତମାନ ବାହାରୁ ପରିବା କିଣିବାକୁ ପଡୁନି । ଆମର ଆର୍ଥିକ ନିଅଣ୍ଟ ସ୍ଥିତିକୁ ସହଜ କରିବାରେ ସବୁଜ ପୁଷ୍ଟି ବଗିଚାରୁ ସହଯୋଗ ପାଉଛୁ ।

**ବିବରଣୀ/ଫଟୋ : ସନ୍ତୋଷ ରାଉତ, ରୁଫସ ସୋନି**





# ଭାରତର ଘରୋଇ ଜଳ ଉପଚାର ଏବଂ ସୁରକ୍ଷିତ ସଂରକ୍ଷଣ(HWTS) ନେଟୱାର୍କ ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ ଗ୍ରାମବିକାଶର ଅଭିଜ୍ଞାତା ଉପସ୍ଥାପନା

୨୦୨୨ ନଭେମ୍ବର ୧୦ ଓ ୧୧ତାରିଖ ଦୁଇଦିନ ଧରି ଭାରତର ଘରୋଇ ଜଳ ଉପଚାର ଏବଂ ସୁରକ୍ଷିତ ସଂରକ୍ଷଣ(HWTS) ନେଟୱାର୍କ ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ ଶିକ୍ଷା ବିନିମୟ କାର୍ଯ୍ୟକ୍ରମରେ ଗ୍ରାମବିକାଶର ପ୍ରତିନିଧି ଉପସ୍ଥିତ ରହି ଏ କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକ୍ରମ ଭିତ୍ତିକ ଅଭିଜ୍ଞାତା ଉପସ୍ଥାପନା କରିଥିଲେ । ଏସଏମ ସେହେଗଲ ଫାଉଣ୍ଡେସନ ଦ୍ୱାରା ହରିୟାନା ରାଜ୍ୟର ଗୁରୁଗାଁଓ ଠାରେ ଆୟୋଜିତ କାର୍ମଶାଳାରେ ଦେଶରେ ସମସ୍ତଙ୍କ ପାଇଁ ନିରାପଦ ପାନୀୟ ଜଳର ଉପଲବ୍ଧତା ତଥା ଏ ଦିଗରେ ଉନ୍ନତିର ପ୍ରୟାସ ଉପରେ ବିଶେଷ ଚର୍ଚ୍ଚା ଓ ଆଲୋଚନା କରାଯାଇଥିଲା ।




ଏହି କର୍ମଶାଳାରେ ଗ୍ରାମ ବିକାଶ ତରଫରୁ ବରୁଣ ନାମିନେନି ଓଡିଶା ଓ ଝାଡଖଣ୍ଡ ରାଜ୍ୟର ଗ୍ରାମୀଣ ସମୁଦାୟଙ୍କ ପାଇଁ ବିଶୁଦ୍ଧ ଜଳ ଯୋଗାଣ ଉପରେ ହୋଇଥିବା ଆମର ପ୍ରୟାସ ବିଷୟରେ ଉପସ୍ଥାପନା କରିଥିଲେ । ଦୁଇ ଶହ ଛଅସ୍ତରି ତାଲିମପ୍ରାପ୍ତ ଗ୍ରାମ୍ୟ ଅନୁଷ୍ଠାନ ସେବା ପ୍ରଦାନକାରୀ ଓଡିଶା ଓ ଝାଡଖଣ୍ଡ ରାଜ୍ୟର ସାତୋଟି ଜିଲ୍ଲା ଅନ୍ତର୍ଗତ ଆମର ସହଭାଗୀ ଗ୍ରାମରେ, ଜଳର ଗୁଣବତ୍ତା ତଦାରଖ ତଥା ଉନ୍ନତ ଜଳ ଓ ପରିମଳ, ପୋଷଣ, ସ୍ୱଚ୍ଛତା ଆଦି ଅଭ୍ୟାସକୁ ସୁନିଶ୍ଚିତ କରି ୮୭୩୪ଟି ଅପହଞ୍ଚ ଗ୍ରାମୀଣ ପରିବାରକୁ ସହଯୋଗ ଜାରିରଖିଛନ୍ତି ।

ଦୁର୍ଗମ ଅପହଞ୍ଚ ଗ୍ରାମୀଣ ଅଞ୍ଚଳରେ ପାଣିର ଗୁଣବତ୍ତା ଉପରେ ହାଇଡ୍ରୋଜେନ ପରି ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ଧାରଣା ବୃଦ୍ଧି ଜାରିରହିଛି । ଗୋଷ୍ଠୀ ସମୁଦାୟ, ସରକାରୀ ତଥା ଅନ୍ୟାନ୍ୟ ଏନଜିଓମାନଙ୍କ ସହିତ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ସ୍ତରରେ ଦକ୍ଷତା ବୃଦ୍ଧି ମଧ୍ୟ ଜାରିରହିଛି । ଫିଲ୍ଡ ଟେଷ୍ଟ କିଟ୍, କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଭିତ୍ତିଭୂମି ଏବଂ ଉପଚାର ବିକଳ୍ପଗୁଡିକ ପାଇଁ ଆମେ ସ୍ଥାନୀୟ ପ୍ରଶାସନ ସହିତ ସମ୍ମିଳିତ କାର୍ଯ୍ୟଧାରାକୁ ସକ୍ଷମ କରୁଅଛୁ ।

**ବିବରଣୀ : ସନ୍ତୋଷ ରାଉତ**



Gram Vikas


+91-674-2596366

www.gramvikas.org

Plot No. 72/B, Forest Park, Bhubaneshwar – 751009, Odisha, India

Gram Vikas Samachar | Gram Vikas Odisha | GramVikasIN | gramvikasodisha | Gram Vikas | (+91)9938092224 | gramvikasodisha



GRAM VIKAS E NEWSLETTER

(House Journal in Odia for Private Circulation Only)